## ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନର ବିବରଣୀ

## ସୈରାତ ଉପର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉପର ନାମ ଏବଂ କେସ ନଂ | ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | କିସମ | ଲଘୁ ଖଣିଜର ନାମ | ସର୍ବନିମ୍ନ ଉପାର୍ଜିତ ମୂଲ୍ୟ (per cum) ଟଙ୍କାରେ | ଅତିରିକ୍ତ ଦେୟ (Additional Charge per cum) ଟଙ୍କାରେ | Mining plan ଅନୁଯାୟୀ ବାର୍ଷିକ ଯୋଗ୍ୟ ବାଲି ର ପରିମାଣ | ଅଗ୍ରିମ ଡାକରେ ଭାଗନେବାକୁ ଥିବା ଅମାନତ ରାଶି Earnest Money ର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | ମହାନଦୀ | ଜାତମୁଣ୍ଡିଆ ବାଲି ଘାଟ (କେସ ନଂ - ୦୨/ ୨୦୨୨ -୨୩) | ୧୨ | ୨୬ | ୧୨.୩୫ | ବାଲିଚର | ବାଲି | ଟ ୩୫.୦୦ | ଟ ୪୫.୦୦ | ୨୦୦୦୦cum | ଟ ୨୮୦୦୦୦.୦୦ |
| ୨ | ମହାନଦୀ | କାଳିକା ପ୍ରସାଦ ବାଲି ଘାଟ (କେସ ନଂ - ୦୩/ ୨୦୨୨ -୨୩) | ୧୨ | ୩୬ | ୧୨.୩୫ | ବାଲିଚର | ବାଲି | ଟ ୩୫.୦୦ | ଟ ୪୫.୦୦ | ୮୦୦୦୦cum | ଟ ୩୨୦୦୦୦.୦୦ |

24.2.2022

ତହସିଲଦାର,ଡମପଡା
TAHASILDAR
DAMAPADA

Scanned with CamScanner

# ତହସିଲ କାର୍ଯ୍ୟାଳୟ, ଡମପଡ଼ା

ପତ୍ରସଂଖ୍ୟା ...୨୨୮... ତାରିଖ ...୨୮.୦୨.୨୦୨୨

## ଲଘୁ ଖଣିଜ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଦମପଡା ତହସିଲ୍ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉସ ( ଲଘୁ ଖଣିଜ ଦ୍ରବ୍ୟ ) ର ଆସନ୍ତା ପାଞ୍ଚ ବର୍ଷ ୨୦୨୨-୨୦୨୩ ଆର୍ଥିକ ବର୍ଷଠାରୁ ୨୦୨୬-୨୦୨୭ ବର୍ଷ ପର୍ଯ୍ୟନ୍ତ ଲିଜ୍ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଛୁକ ବ୍ୟକ୍ତିବିଶେଷ **OMMC RULE 2016 FORM- M** ପୁରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାପାରେ **Rregistered Post/Speed post** ଜରିଆରେ ତହସିଲଦାର ଡାମପଡ଼ା ଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟର Tender Box ରେ ଆସନ୍ତା ତା ୦୨.୦୩.୨୦୨୨ରିଖ ଠାରୁ ତା୧୬.୦୩.୨୦୨୨ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ( ଛୁଟିଦିନ ବ୍ୟତୀତ ) ପକାଇ ପାରିବେ । ଲଫାପା ଉପରେ ସୈରାତ ଉସର ନାମ ଓ ସୈରାତ କେଶ ନମ୍ବର ଲେଖା ଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖର ପୂର୍ବଦିନ ଅପରାହ୍ନ ୫ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ ଅଥବା ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକଯୋଗେ ପ୍ରାପ୍ତ ଦରଖାସ୍ତ ଗ୍ରହଣ କରାଯିବନାହିଁ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କଟକଙ୍କର ରହିଛି । ତା ୧୭.୦୩.୨୦୨୨ରିଖ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ ଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନହୋଇ ପାରିଲେ ପରବର୍ତୀ ନିଲାମ ଯଥାକ୍ରମେ ତା ୨୪.୦୩.୨୦୨୨ ରିଖ କିମ୍ବା ତା ୩୦.୦୩.୨୦୨୨ ରିଖ (ଦିବା ୧୧ ଘଟିକା ) ସମୟରେ ଅନୁଷ୍ଠିତ ହେବ ।

### ଦରଖାସ୍ତ ସହିତ ନିମ୍ନ ଲିଖିତ କାଗଜାତ ଦାଖଲ କରିବା ବିଧେୟ

୧. ଦରଖାସ୍ତ ପାଉଣା ବାବଦକୁ ଟ ୧୦୦୦ .୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ।
(Head of Account-0583-Non Ferrous Mining and Metallurgical Industries-102-Mineral Concession Fees, Rent and Royalties) ଏହି ଦରଖାସ୍ତ ଫି ଫେରସ୍ତ ଦିଆଯିବାନାହି ।

୨. ଆବେଦନ କରିଥିବା ଲିଜ୍ ଜମିର ସମ୍ପୁର୍ଣ ବିବରଣୀ ଓ ନକ୍ସା ପଇଠ କରିବେ।

୩. ସୈରାତ ଉସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧିୟ ସତ୍ୟ ପାଠ ଦାଖଲକରିବେ ।

୪. ବାର୍ଷିକ ନୁନ୍ୟତମ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନୋଟିସ ଉଲ୍ଲେଖ ମୁତାବକ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା ୫ଭାଗ ରାଶି EMD(Earnest Money Deposit) ନିମନ୍ତେ ତହସିଲଦାର,ଦମପଡାଙ୍କ ନାମରେ payable at SBI, Banki ଆକାରରେ ପୈଠ କରିବେ । ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦରଖାସ୍ତ Form-3 ସହିତ ଦାଖଲ ଦେବେ ।

୫. ଲିଜଧାରୀ ସ୍ଥିରୀକୃତ ହୋଇଥିବା ସମ୍ପୃକ୍ତ ଉସର Mining Plan ଅନୁଯାୟୀ ବାର୍ଷିକ ନୁନ୍ୟତମ ଧାର୍ଯ୍ୟ ଉତ୍ତୋଳନ ପରିମାଣ Minimum Guaranteed Quality(MGQ) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା Royalty ର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣ ପତ୍ର Solvency Certificate କେବଳ (Revenue Authority )ଙ୍କ ଦ୍ୱାରା ସୀକୃତ ହୋଇଥିବ (ଯାହାର ଅବଧି ଅନ୍ତତଃ ୧୨ ମାସ ହେବା ଆବଶ୍ୟକ କିମ୍ବା (Bank Guarantee) ଯାହାର ଅବଧି ଅନ୍ତତଃ ୧୮ ମାସ ହେବା ଆବଶ୍ୟକ (Requisite Extent of Bank Guarantee = Minium Guaranteed Quantity x(Offered Additional Charge+ Royalty) ଗ୍ୟାରେଣ୍ଟି ତହସିଲଦାର, ଡମପଡାଙ୍କ ସପକ୍ଷରେ ଦାଖଲ କରିବା ସଙ୍ଗେ ସଙ୍ଗେ IT Return ଦାଖଲ କରିବେ ଏବଂ ଆବେଦନକାରୀ ରାଜସ୍ୱ ଅଧିକାରୀଙ୍କ ଠାରୁ ଦରଖାସ୍ତକାରୀଙ୍କ ନାମରେ ଥିବା ସ୍ଥାବର ସମ୍ପତିର ତାଲିକା ଦରଖାସ୍ତ ସହିତ ଦାଖଲ କରିବେ (in Original ) ।

୬. ନିଲାମଧାରୀ ( **successful bidder** ), **mining plan and environmental clearance** ବାବଦକୁ ଦେୟ ପୈଠ କରିବାକୁ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷୀତ ହୁଏ , ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି । ସୈରାତଉସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେସମସ୍ତ କାର୍ଯ୍ୟ ଦିବସରେ (ଛୁଟିଦିନ ବ୍ୟତୀତ) ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୁର୍ଣ ବିବରଣୀ **www.cuttack.nic.in** ରେ ଉପଲବ୍ଧ ହେବ ।

୭. ଲିଜର ସମସ୍ତ ସର୍ତ୍ତାବଳି ପାଳନ କରୁଥିବା ଓ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୮. ଲିଜ ଅବଧି ମାଧ୍ୟମରେ ଲିଜଧାରୀ ଲିଜ ସମ୍ପର୍କିୟ ସର୍ତ୍ତାବଳିର ଉଲ୍ଲଘନ କଲେ ତାଙ୍କର ଲିଜ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତି କରାଯିବ। ପୁନଶ୍ଚ ନିୟମାବଳି ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମା ରାଶିକୁ ବାଜ୍ୟାପ୍ତ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଅଛି।

ତହସିଲଦାର, ଡମପଡା
TAHASILDAR
DAMAPADA

Scanned with CamScanner

# ସର୍ତ୍ତାବଳୀ

୧. ନିଲାମଧାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ- ୨୦୧୬ ( OMMC RULE – 2016 &2017) ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (ADDITIONAL CHARGE ) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଆବେଦନକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ , ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ମାଇନିଂ ପ୍ଲାନ ରେ ଚିହ୍ନଟ ହୋଇଥିବା ଉତ୍ତୋଳିତ ଲଘୁ ଖଣିଜଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge ) ର ମୂଲ୍ୟ କୁ ଗୁଣନ କରି ସମ୍ପୃକ୍ତ ଅର୍ଥ ସହିତ ରୟାଲିଟି ବାଲି ନିମନ୍ତେ ( @ Rs 35/- per cum* ) ପୈଠ କରିବେ । ଏହି ସହିତ ଜିଲ୍ଲା ମିନେରାଲ ଫାଉଣ୍ଡେସନ ଫଣ୍ଡ (DMF )ଦେୟ ମଧ୍ୟ ପୈଠ କରିବାକୁ ହେବ । ଉପରୋକ୍ତ ସମ୍ପୂର୍ଣ ରାଶି ପୈଠ ହେଲା ପରେ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର ( Lease deed ) ସମ୍ପାଦନ କରିବେ ଏବଂ ତତ୍ ପରେ ଖନନ ପରିଚାଳନା କରିବେ ।

୪. ଯଦି ସର୍ବୋଚ୍ଚ ଅତିରିକ୍ତ ଚାର୍ଜ ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଚୁକ୍ତି କରନ୍ତି ନାହିଁ ତା ହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲମଧାରୀଙ୍କୁ ସୁଯୋଗ ଦିଆଯିବ ।

୫. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ ( Controlling authority) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ ।

୬. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା surface rent, dead rent ଓ royalty ପୈଠ କରିବେ ।

୭. ଲିଜଧାରୀ ଉପରୋକ୍ତ ଦେୟ ସହିତ District Mineral Foundation Fund (DMF )and Environmental Management Fund (EMF )ବାବଦ ଅର୍ଥ ରାଶି ବାର୍ଷିକ ଅଗ୍ରିମ ଆକାରରେ ପ୍ରଦାନ କରିବେ ।

୮. ଯଦି ଦରଦାତାକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ରେ ଆବଶ୍ୟକ ଦସ୍ତାବିଜ୍ ଦାଖଲ କରି ନ ଥାନ୍ତି ତେବେ ସେମାନଙ୍କୁ ବିଚାରକୁ ନିଆଯିବ ନାହିଁ ।

୯. ନିଲାମଧାରୀ OMMC RULE -2016 ର Rule 33 ( sub rule 1-29 ) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

୧୦. ନିଲାମଧାରୀ ଜମା ରୟାଲିଟି ର ୨% ଆୟକର ବାବଦକୁ ଜମା କରିବେ ।

୧୧. ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ ।

୧୨. ଯେଉଁ ଲିଜଧାରୀଙ୍କୁ ଲିଜ ଚୂଡାନ୍ତ ହେବାର ସାତଦିନ ମଧ୍ୟରେ Form-F ମାଧ୍ୟମରେ ଲିଜ ଚୟନ ସମ୍ପର୍କରେ ଜଣାଇଦିଆଯିବ ଏବଂ ତାଙ୍କର ସହମତି ୧୫ ଦିନ ମଧ୍ୟରେ ତହସିଲଦାର, ଡମପଡାଙ୍କୁ ଲିଖିତ ଆକାରରେ ଜଣାଇବେ।

୧୩. ଲିଜଧାରୀ ସମ୍ବାଦପତ୍ର ରେ ବିଜ୍ଞପ୍ତି ପ୍ରକାଶନ ର ସମସ୍ତ ଖର୍ଚ୍ଚ ବହନ କରିବା ସଙ୍ଗେ ସଙ୍ଗେ Mining Plan ର ସମସ୍ତ ଖର୍ଚ୍ଚ ବହନ କରିବେ ।

୧୪. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡ଼ିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ।

୧୫. ଲିଜ ନେବାପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହି କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହି ।

୧୬. ବାଲି ପାଇଁ ସର୍ବନିମ୍ନ Royalty ର ମୂଲ୍ୟ ( per Cum) ଟା ୩୫/- ରହିବ ଏବଂ ଏହି ମୂଲ୍ୟ ରେ ଯଦି ସରକାର କୌଣସି ପରିବର୍ତ୍ତନ କରନ୍ତି ତାହା ଦେବାକୁ ବାଧ ହେବେ ।

୧୭. ଲିଜଧାରୀ ସଇରାତ ଉତ୍ସ ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରିକରି ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ। ଏସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନକରିବେ।

୧୮. ଲିଜଧାରୀ ଲିଜପ୍ରାପ୍ତ କରିଥିବା ସଇରାତ ଉତ୍ସରୁ ସମସ୍ତ ଲିଜ ପ୍ରକ୍ରିୟା ସମାପ୍ତ ହୋଇ ଉତ୍ତୋଳନ ପାଇଁ କାର୍ଯ୍ୟାଦେଶ ନପାଇବା ପୂର୍ବରୁ ସମ୍ପୃକ୍ତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଚୋରି ହେଲେ ସେଥିପାଇଁ ଲିଜଧାରୀ ଦାୟୀ ରହିବେ ।

ପରିପତ୍ର ସଂଖ୍ୟା- ୨୦୮ ତାରିଖ- ୨୮.୦୨.୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ,କଟକ/ ଉପଜିଲ୍ଲାପାଳ,ବାଙ୍କୀ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଡ଼ମପଡା/ସମସ୍ତ ଗ୍ରାମପଞ୍ଚାୟତ/ତହସିଲଦାର, ଡ଼ମପଡା/ ଓ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ଏବଂ ସମ୍ପୃକ୍ତ ସଇରାତ ସ୍ଥଳୀ ରେ ସର୍ବସାଧାରଣ ଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

28.2.2022

ତହସିଲଦାର, ଡମପଡା
TAHASILDAR
DAMAPADA

Scanned with CamScanner